# ତହସିଲ କାର୍ଯ୍ୟାଳୟ, ବିନିକା

ବିଜ୍ଞାପନ ସଂଖ୍ୟା -୧୬୬୧ ତା. ୦୨.୦୬.୨୦୨୦

## ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ବିନିକା ତହସିଲ ଅନ୍ତର୍ଗତ ୦୭ଗୋଟି ଲଘୁ ଖଣିଜ ଖାଦାନ(୦୫ ଗୋଟି ପଥର ଖାଦାନ, ୦୧ ଗୋଟି ମୁରୁମ ଖାଦାନ ଓ ୦୧ ଗୋଟି ବାଲିଘାଟ) ର ବିବରଣୀ ର ୭col. ରେ ସୂଚନାଙ୍କିତ ଆର୍ଥିକ ବର୍ଷ ପାଇଁ ନିଲାମ ଗ୍ରହଣ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Ammendment) Rule 2016 ର Form-M ପୁରଣ କରି ଏହାର ତିନି କପି ସହ ଆବଶ୍ୟକୀୟ ଦଲିଲ ସଂଲଗ୍ନ କରି Sealed Cover ରେ ଆବେଦନ କରିବେ । ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା. ୧୬.୦୬.୨୦୨୦ ରିଖ ଦିବା ଘ. ୦୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା Drop Box ରେ ପକାଇବେ ଏବଂ ଉକ୍ତ ଦିନ ଦିବା ଘ. ୦୩.୩୦ ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ଦନଖି କରାଯିବ । ଯେଉଁ ସୈରାତ ଉତ୍ସଗୁଡିକ ପ୍ରଥମ ତାରିଖରେ ଲିଜ ପାଇଁ ଚୁଡାନ୍ତ ହୋଇନପାରିଲା, ସେହି ଉତ୍ସଗୁଡିକ ପାଇଁ ଦ୍ୱିତୀୟ ଥର ପାଇଁ ତା. ୨୪.୦୬.୨୦୨୦ ରିଖ ଏବଂ ତୃତୀୟ ଥର ପାଇଁ ତା. ୦୧.୦୭.୨୦୨୦ ରିଖ ଦିବା ଘ. ୦୩ .୦୦ ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯାଇ ଉକ୍ତ ତାରିଖ ମାନଙ୍କର ଅପରାହ୍ନ ଦିବା ୦୩.୩୦ ଟା ରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ନିଲାମ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ www.subarnapur.nic.in କୁ ଯାଇ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିପାରିବେ ଏବଂ ସବିଶେଷ ବିବରଣୀ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରୁ ସମସ୍ତ କାର୍ଯ୍ୟ ଦିବସ ମାନଙ୍କରେ ଉପଲବ୍ଧ ହୋଇପାରିବେ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିଲାମ ଅଧିକାରୀଙ୍କର ସଂରକ୍ଷିତ ଅଛି ।

**ଦାଖଲ କରିବାକୁଥିବା ଦଲିଲ/କାଗଜାତ**

୧. ଦରଖାସ୍ତ ଫିଜ ସକାଶେ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ (Non Refundable)

୨. ଆବେଦନ କରିଥିବା ଲିଜ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।

୩. କୌଣସି ମାଇନିଙ୍ଗ ଭରଣା ବକେୟା ନଥିବା ନେଇ ଏକ ସତ୍ୟପାଠ ।

୪. ଆବେଦନ ଜମି ଯଦି ରୟତି ହୋଇଥାଏ ତେବେ ସେହି ଜମିର ମାଲିକଙ୍କ ସହମତି ।

୫. ଆବେଦନକାରୀ ଯେଉଁ ସୈରାତ ଉତ୍ସ ପାଇଁ ଆବେଦନ କରୁଛନ୍ତି ସେହି ଉତ୍ସର ରୋୟଲଟି ମୂଲ୍ୟ ଉପରେ ସଲ୍‌ଭେନସି ସାର୍ଟିଫିକେଟ ଦାଖଲ କରିବେ ।

୬. ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଯନ୍ତ୍ରପାତି, ଆର୍ଥିକ ସ୍ଥିତି ଇତ୍ୟାଦି ।

୭. ST/IT Clearance ସାର୍ଟିଫିକେଟର ନକଲ ।

2/6/20

ତହସିଲଦାର, ବିନିକା

# ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣି ଦ୍ରବ୍ୟ ରିହାତି ଆଇନ ୨୦୦୪ ଓ O.M.M.C (Amendment) Rule 201[illegible] ପରିସର ଭୁକ୍ତ ରହିବେ ।

୨. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

୩. ଲିଜରେ ସୈରାତ ଚଲାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୫. ସର୍ବୋଚ୍ଚ ଲିଜ୍‌ଧାରୀ ନିଜ ଖର୍ଚ୍ଚ ରେ ମାଇନିଙ୍ଗ ପ୍ଲାନ ତିଆରି କରି ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ ।

୬. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଇଥିବା ଏକକ ରୟାଲିଟି ର ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଉକ୍ତ ରାଶି Environmental Clearance ଆଣି ସାରିଲା ପରେ ପୈଠ କରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜଧାରୀ ରେଜିଷ୍ଟ୍ରେସନ ଆକଟ୍ ୧୯୦୮ ଓ ଷ୍ଟାମ୍ପ ଆକଟ୍ ୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସଂପାଦନ କରିବେ ।

୭. Competent Authority ସୁନିଶ୍ଚିତ କରିଥିବା ଅମାନତ ରାଶି (Earnest Money) କୁ ମନୋନିତ ଲିଜଧାରି ନିଲାମ ସାବ୍ୟସ୍ତ ହେଲାପରେ ୭ (ସାତ) ଦିନ ମଧ୍ୟରେ ପୈଠ କରିବେ । [EMD i.e 5% of MGQ × (Royalty + Additional charges)]

୮. ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟେରେ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀ ଦାଖଲ ନକଲେ ଅମାନତ ରାଶି ବ୍ୟାଜ୍ୟାପ୍ତ କରିଯିବ ।

୯. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜ୍‌ଧାରୀ ନିଜ ଦାୟିତ୍ୱରେ ହାସଲ କରିବେ ।

୧୦. ପୂନଶ୍ଚ ନିୟମାବଲୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହେଇଥିବା ଜମାରାଶି କୁ ବ୍ୟାଜ୍ୟାପ୍ତ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୧. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୨. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୧୩. ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ।

୧୪. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୧୫. ଜମା ରୟାଲଟିର (୨%) ଲିଜ୍‌ଧାରୀ ଆୟକର (T.D.S) ବାବଦକୁ ଚାଲାନ ଆକାରରେ ଜମା କରିବେ ।

୧୬. ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ ରୟାଲଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯିବ ।

୧୭. ସର୍ବୋଚ୍ଚ ରୟାଲଟି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ନେଲେ ତତ ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୧୮. ସରକାରୀ ରୟାଲଟି ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତ କାରୀଙ୍କର M-Form ଖାରଜ କରିଦିଆଯିବ ।

୧୯. ଲିଜଧାରି ସୈରାତ ଉତ୍ସର ପରିବେଶ ପରିଚାଳନା ପାଇଁ ବାର୍ଷିକ ରେୟାଲଟି ଦେୟର ୫% (Odisha Environmental Management Fund Trust) ପାଇଁ ଚୁକ୍ତି ପୂର୍ବରୁ ଦାଖଲ କରିବେ ।

# ସୈରାତ ଉତ୍ସଗୁଡିକର ବିବରଣୀ

| କ୍ର.ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ରକବା | ଲିଜ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ସମୟ ସୀମା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ସର୍ଗୁଣା ପଥର ଖାଦାନ | ସର୍ଗୁଣା | ୧୯୩ | ୯୪୬ | ଏ.୨.୦୭୦ | ୨୦୨୦-୨୧ ରୁ ୨୦୨୪-୨୫ (ପାଂଚ ବର୍ଷ) |
| ୨ | କମିରା 'ଖ' ପଥର ଖାଦାନ | କମିରା | ୫୩୮ | ୧୯୯୩<br>୧୯୯୭<br>୧୯୮୯<br>୧୯୭୭<br>୨୦୨୧ | ଏ. ୦.୬୦୦<br>ଏ. ୧.୦୦୦<br>ଏ. ୦.୫୦୦<br>ଏ. ୦.୫୦୦<br>ଏ. ୯.୫୦୦<br>ଏ. ୧୨.୧୦୦ | ୨୦୨୦-୨୧ ରୁ ୨୦୨୪-୨୫ (ପାଂଚ ବର୍ଷ) |
| ୩ | ବିଶାଳପାଲି ମୁରୁମ ଖାଦାନ | ବିଶାଳପାଲି | ୨୦୮ | ୪୦ | ଏ.୧.୨୯୦ | ୨୦୨୦-୨୧ ରୁ ୨୦୨୪-୨୫ (ପାଂଚ ବର୍ଷ) |
| ୪ | କଦଲୀପାଲି 'କ' ପଥର ଖାଦାନ | କଦଲୀପାଲି | ୧୮୧ | ୨୩୬ | ଏ. ୬.୨୭୫ | ୨୦୨୦-୨୧ ରୁ ୨୦୨୪-୨୫ (ପାଂଚ ବର୍ଷ) |
| ୫ | କଦଲୀପାଲି 'ଗ' ପଥର ଖାଦାନ | କଦଲୀପାଲି | ୧୮୧ | ୨୧୯ | ଏ. ୧.୬୭୯ | ୨୦୨୦-୨୧ ରୁ ୨୦୨୪-୨୫ (ପାଂଚ ବର୍ଷ) |
| ୬ | କମିରା 'କ' ପଥର ଖାଦାନ | କମିରା | ୫୩୮ | ୨୦୪୮<br>୨୦୩୧<br>୨୦୪୬<br>୨୦୨୨ | ଏ. ୪.୬୦୦<br>ଏ. ୨.୧୦୦<br>ଏ. ୦.୫୦୦<br>ଏ. ୪.୭୦୦<br>ଏ. ୧୧.୯୦୦ | ୨୦୨୦-୨୧ ରୁ ୨୦୨୪-୨୫ (ପାଂଚ ବର୍ଷ) |
| ୭ | ଅଙ୍ଗନଦୀ 'ଖ' ବାଲିଘାଟ (ସେଲେଡି) | ଅଙ୍ଗନଦୀ 'ଖ' | ୧ | ୨୮<br>୨୯ | ଏ. ୧.୮୫୦<br>ଏ. ୧୦.୫୦୫<br>ଏ. ୧୨.୩୫୫ | ୨୦୨୦-୨୧ ରୁ ୨୦୨୪-୨୫ (ପାଂଚ ବର୍ଷ) |

ଜ୍ଞାପକ ସଂଖ୍ୟା ୧୬୬୨ ତାରିଖ- ୦୨.୦୬.୨୦୨୦

ଏହାର ଏକକିତା ନକଲ ସରପଂଚ, ସମସ୍ତ ଗ୍ରାମ ପଂଚାୟତ, ସମସ୍ତ ରାଜସ୍ୱ ନିରୀକ୍ଷକ/କାର୍ଯ୍ୟନିର୍ବାହି ଅଧିକାରୀ, ବିଜ୍ଞାପିତ ଅଂଚଳ ପରିଷଦ ବିନିକା/ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିନିକା/ନୋଟିସ ବୋର୍ଡ ତହସିଲ କାର୍ଯ୍ୟାଳୟ, ବିନିକାରେ ସମସ୍ତଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

୨/୬/୨୦

ତହସିଲଦାର, ବିନିକା

ଜ୍ଞାପକ ସଂଖ୍ୟା ୧୬୬୩ ତାରିଖ- ୦୨.୦୬.୨୦୨୦

ଏହାର ଏକ କିତା ନକଲ ଜିଲ୍ଲାପାଳ, ସୁବର୍ଣ୍ଣପୁର/ଉପ-ଜିଲ୍ଲାପାଳ, ସୋନପୁର ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

୨/୬/୨୦

ତହସିଲଦାର, ବିନିକା

ଜ୍ଞାପକ ସଂଖ୍ୟା ୧୬୬୪ ତାରିଖ-୦୨.୦୬.୨୦୨୦

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ସୁବର୍ଣ୍ଣପୁର ଙ୍କ ଅବଗତି ଓ ବହୁଳ ପଚାର ପାଇଁ ଜିଲ୍ଲା Web Site ରେ Upload ନିମନ୍ତେ ପ୍ରେରଣ କରାଗଲା ।

୨/୬/୨୦

ତହସିଲଦାର, ବିନିକା